| Published Date: | 21 Sep 2017 | Publication: | Darshan (Oriya) |
|---|---|---|---|
| Edition: | Bhubaneshwar | Page No: | 8 |
| Circulation: | 75000 | | |

# ସର୍ବବୃହତ ଆନ୍ତଃ ସ୍କୁଲ କୁଇଜ୍ ପ୍ରତିଯୋଗିତାରେ ୮୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ




ଭୁବନେଶ୍ୱର,୨୦।୯ : ଅଗ୍ରଣୀ ଆଇଟି ସେବା, ବିଜନେସ୍ କନ୍‌ସଲ୍‌ଟିଂ ଏବଂ ବିଜନେସ୍ ସମାଧାନ ପ୍ରଦାନ କରିବାର ଏକ ଅଗ୍ରଣୀ ସଂସ୍ଥା ଟାଟା କନସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଆୟୋଜନ କରାଯାଇଥିବା ଭାରତ ସର୍ବବୃହତ ଆନ୍ତଃ ସ୍କୁଲ କୁଇଜ୍, ଟିସିଏସ୍ ଆଇଟି ୱିଜ୍‌ରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୧୯, ମଙ୍ଗଳବାର, ପାଲ ହାଇଟସ୍,ଜେ/୭, ଜୟଦେବ ବିହାର ରୋଡ୍, ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିବା ଏହି କୁଇଜ୍‌ରେ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଭୁବନେଶ୍ୱର ସଂସ୍କରଣରେ ଚଳିତ ବର୍ଷ କୁଇଜ୍ ରାଞ୍ଚି ଏବଂ ବିଶାଖାପାଟନାମ୍ ଠାରୁ ସ୍କୁଲର ଟିମ୍ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ଅଷ୍ଟମ-ଦ୍ୱାଦଶ ଶ୍ରେଣୀର ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି ୱିଜ୍ ଉନ୍ମୁକ୍ତ କରିଛି। ପ୍ରତିଟି ଅନୁଷ୍ଠାନ ସର୍ବାଧିକ ୮ଟି ଟିମ୍ ପଠାଇପାରିବେ ଏବଂ ପ୍ରତି ଟିମ୍‌ରେ ଦୁଇ ଜଣ ସଦସ୍ୟ ରହିବେ। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜ୍‌ରେ ଚାରିଟି ବିଷୟ-ଅଟୋମେସନ୍, କଟେଂକ୍ସୁଆଲ୍ ନଲେଜ୍, ମେସିନ୍ ଲର୍ଣ୍ଣିଂ ଏବଂ ଆଜାଇଲ୍ ଉପରେ ଗୁରୁତ୍ୱ ପ୍ରଦାନ କରିବ, ଏହା ବ୍ୟତୀତ ଟିସିଏସ୍ ଉପରେ ସ୍ୱତନ୍ତ୍ର ରାଉଣ୍ଡ୍ ହେବ। ଏହି କୁଇଜ୍ ପ୍ଲାଟଫର୍ମରେ ସମଗ୍ର ବିଶ୍ୱରେ ବଡ଼ ଧରଣର ଦ୍ୱରଣ ସୃଷ୍ଟି କରିଥିବା ପ୍ରଯୁକ୍ତି ଟ୍ରେଣ୍ଡ୍‌କୁ ଅନୁଧ୍ୟାନ କରିବ। ଯେଉଁ ଛାତ୍ରଛାତ୍ରୀମାନେ ଏହି କୁଇଜ୍‌ର ଅଂଶ ହେବେ ସେମାନେ ନିଜର ଭବିଷ୍ୟତ ଆଡ଼େ ଅଗ୍ରସର ହେବା ବେଳେ ଏହି ପ୍ରଯୁକ୍ତିଗୁଡ଼ିକୁ ବୁଝିପାରିବେ। ଲିଖିତ ପ୍ରାଥମିକ ରାଉଣ୍ଡର ଶ୍ରେଷ୍ଠ ୬ଟି ଟିମ୍ ଆଂଚଳିକ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।